ଧରିତ୍ରୀ
DHARITRI
ବୁଧବାର, ୬ ଏପ୍ରିଲ, ୨୦୨୨

## ବଜ୍ରପାତର ୩ ଆହତ

ନନ୍ଦାହାଣ୍ଡି,(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଅଧୀନ ପଠାନଗୁଡା ଛକ ନିକଟରେ ବଜ୍ରପାତ ଘଟି ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମେଣ୍ଡ୍ରି ଗ୍ରାମର ପ୍ରଦୀପ ବିଷୋୟୀ (୪୦ ), ହିଁଲିଆଗୁଡାର କୃପାସିନ୍ଧୁ ହରିଜନ (୬୦) ପୂଜାରୀଗୁଡାର ବୃନ୍ଦାବନ କର୍କରା (୪୮)। ସୂଚନାନୁଯାୟୀ, ଡ଼ୁଙ୍ଗରଭେଜା ତହସିଲ ଅଫିସରୁ ନିଜ କାମ ସାରି ଫେରୁଥିବା ସମୟରେ ପବନ ଓ ବର୍ଷା ହେବାରୁ ପଠାନଗୁଡା ଗ୍ରାମ ନିକଟ ବିଶ୍ରାମଗାରରେ ସେମାନେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଆହତଙ୍କୁ ତେନ୍ତୁଳିଖୁଣ୍ଟି ମେଡ଼ିକାଲ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧରୁ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି ଡାକ୍ତର ପ୍ରସନଜିତ ମହାନ୍ତି କହିଛନ୍ତି।



## ସଂକ୍ଷେପରେ

### ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତିକଲେ ଆର୍‌ଟିଓ କର୍ମଚାରୀ



ନବରଙ୍ଗପୁର,୫।୪(ବି.ପ୍ର.): ନବରଙ୍ଗପୁର ୨୬ ନମ୍ବର ଜାତୀୟ ରାଜପଥ ତଥା ତାରାଗାଁ ଛକ ତାରିଣୀ ମନ୍ଦିର ନିକଟରେ ଏକ ଜିପ୍ (ଓଡି-୧୦ଆର୍-୪୩୨୯) ଓ ଏକ ବାଇକ୍ (ଓଡି-୨୪ଜି-୫୬୮୦) ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ନବଘନ ହରିଜନ ଗୁରୁତର ହୋଇଛନ୍ତି। ଏହି ସମୟରେ ପାପଡ଼ାହାଣ୍ଡିରୁ ନବରଙ୍ଗପୁରକୁ ଆସୁଥିବା ଆର୍‌ଟିଓ ଅଫିସର ଟେକ୍‌ନିକାଲ ଇନ୍ସପେକ୍ଟର ମିଥୁନ ପ୍ରଧାନ, କନଷ୍ଟେବଲ ସୂର୍ଯ୍ୟନାରାୟଣ ବେହେରା, ବିଜୟ ସେଠୀ ଓ ଡ୍ରାଇଭର ଦିଲୀପ ନାୟକ ପ୍ରମୁଖ ନବଘନଙ୍କୁ ନିଜ ଗାଡ଼ିରେ ଆଣି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନବଘନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ନବରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ଜିପ୍‌କୁ ଜବତ କରିଛି।

### ବ୍ଲକ କୃଷକ ପରାମର୍ଶ କମିଟି ବୈଠକ

ଡାବୁଗାଁ, ୫।୪ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ରରେ ବ୍ଲକ କୃଷକ ପରାମର୍ଶ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆତ୍ମା ସଭାପତି ଏମ୍. ବୁଲୁ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ସରକାରୀ ଯୋଜନା ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯେପରି ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହେବେ, ସେଥିପାଇଁ ଆତ୍ମା ପକ୍ଷରୁ ୫ ଏସ୍‌ଏଚ୍‌ଜିକୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ବୈଠକରେ ଆତ୍ମା ସଂଯୋଜକ ତଥା ବ୍ଲକ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ଭାରପ୍ରାପ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସାରସ୍ୱତ ସାହୁ, ଗ୍ରାମ୍ୟ ଉଦ୍ୟାନ କର୍ମଚାରୀ ଜଗଦୀଶ ତରାସିଆ, ବିଟିଏମ୍ ସୁରେନ୍ଦ୍ର ସିଂ କୌରବ, ଏଟିଏମ୍ କେ. ଉଦୟା କୁମାରୀ ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ୧୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



ପଦ୍ମପୁର, ୫।୪(ଡି.ଏନ୍.ଏ.): ଗଞ୍ଜେଇ ଚାଲାଣ ଖବରପାଇ ପଦ୍ମପୁର ପୋଲିସ ନୂଆଗଡ଼ ପାଖ ୩୨୬ ନଂ. ଜାତୀୟ ରାଜପଥରେ ଗାଡ଼ି ଯାଞ୍ଚ କରୁଥିଲା। ପୋଲିସ ଏହି ସମୟରେ ଦୁଇଟି ବୋଲେରୋରୁ ୧ କୁଇଣ୍ଟାଲ ୭୦ କେଜି ଗଞ୍ଜେଇ ଜବତ କରିଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ୩ଟି ମୋବାଇଲ୍ ଓ ୪୦୦ ଟଙ୍କା ପୋଲିସ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୭ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ବାରମ୍ବାର ପୋଲିସ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରୁଥିଲେ ମଧ ତାହା ଥମିବାର ନାଁ ନେଉନି। ଦିନେ ଦୁଇ ଦିନ ଅନ୍ତରରେ ଗଞ୍ଜେଇ ମାଫିଆ ଓ ବ୍ୟବହୃତ ଗାଡ଼ି ଜବତ ହେଉଛି। ରାତାରାତି ଧନୀ ହେବା ଆଶାରେ ଯୁବ ଗୋଷ୍ଠୀ ଗଞ୍ଜେଇ ବେପାର ପ୍ରତି ଆକୃଷ୍ଟ ହେଉଛନ୍ତି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### କାର ଧକ୍କାରେ ନାବାଳକ ମୃତ

ଝରିଗାଁ, ୫।୪(ସ୍ୱ. ପ୍ର.): ନବରଙ୍ଗପୁର ଜିଲା ଝରିଗାଁ ଧନପୁର ଗ୍ରାମ ନିକଟରେ କାର ଧକ୍କାରେ ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହେନ୍ଦ୍ର(୧୫)। ସୂଚନାନୁଯାୟୀ, ଗୁଡ଼ିପଦର ଗ୍ରାମର ସଞ୍ଜୟ କାରରେ ଉମରକୋଟ ଅଭିମୁଖେ ଯାଉଥିଲା। ଧନପୁର ଛକ ନିକଟରେ ବିପରୀତ ଦିଗରୁ ସାଇକେଲରେ ଆସୁଥିବା ମହେନ୍ଦ୍ରଙ୍କୁ ସଞ୍ଜୟଙ୍କ ଗାଡି ଧକ୍କା ଦେଇଥିଲା। ଯାହାଫଳରେ ଏଥିରେ ମହେନ୍ଦ୍ର ଗୁରୁତର ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ଉମରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ଜମିକୁ ଯାଇପାରିବେ ନାହିଁ ଉଭୟ ଗୋଷ୍ଠୀ

## ନିୟମଗିରିରେ ଫସଲ ନଷ୍ଟ ଘଟଣା

- ଜମି ଉପରେ ପ୍ରଶାସନ ପକ୍ଷରୁ ୬ ମାସର ରହିତାଦେଶ
- ଗଣ୍ଡଗୋଳ କଲେ ୫ହଜାର ଜରିମାନା, ୩ମାସ ଜେଲ

ବିଷମକଟକ, ୫ ।୪(ଡି.ଏନ୍.ଏ.)

ନିୟମଗିରି କୁର୍ଲି ପଞ୍ଚାୟତରେ କେତେଜଣ ଚାଷୀଙ୍କ ଜମିରେ ଫସଲ ନଷ୍ଟ କରାଯିବା ଘଟଣାରେ ମଙ୍ଗଳବାର ଶାନ୍ତି କମିଟିର ଏକ ବୈଠକ ବିଷମକଟକ ତହସିଲ କାର୍ଯ୍ୟାଳୟରେ କରାଯାଇଥିଲା। ତହସିଲଦାର ଶୁବେନ୍ଦୁ କୁମାର ଜେନା, ଏସ୍‌ଡିପିଓ ଆକାଶ କୁମାର ସାହୁ ଓ ସ୍ଥାନୀୟ ଅଞ୍ଚଳର କେତେଜଣ ଭଦ୍ରବ୍ୟକ୍ତିଙ୍କୁ ନେଇ ବୈଠକ କରାଯାଇଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜୟୀ ପ୍ରତିନିଧିଙ୍କ ସମର୍ଥକଙ୍କ ଫସଲ ନଷ୍ଟ ହୋଇଛି। ସେମାନେ ଏହାକୁ ବିପକ୍ଷଙ୍କ ଚାଲ ବୋଲି କହୁଛନ୍ତି। କିନ୍ତୁ ବିପକ୍ଷ ଗୋଷ୍ଠୀ ଏହାକୁ ବିରୋଧ କରିଛନ୍ତି। ଶାନ୍ତି କମିଟି ବୈଠକରେ କୌଣସି ସମାଧାନ ହୋଇ ପାରି ନ ଥିଲା। ତେଣୁ ସେହି ସ୍ଥାନରେ ଶାନ୍ତି ବଜାୟ ରଖିବାକୁ ଉକ୍ତ ଜମି ଉପରକୁ ଉଭୟ ଗୋଷ୍ଠୀ ୬ମାସ ପର୍ଯ୍ୟନ୍ତ ଯାଇପାରିବେ ନାହିଁ ବୋଲି ସ୍ଥିର ହୋଇଛି। ସେହି ଜମି ଉପରେ କେହି ଗଣ୍ଡଗୋଳ କରିବେ ନାହିଁ ବୋଲି ଉଭୟ ପକ୍ଷ ତହସିଲଦାରଙ୍କ ପାଖରେ ଲିଖିତ ଚୁକ୍ତି କରିଛନ୍ତି। ଉକ୍ତ ଜମିକୁ ନେଇ ଦୁଇ ଗୋଷ୍ଠୀ ମଧରେ କୌଣସି ଗଣ୍ଡଗୋଳ ହେଲେ ଘଟଣାର ତଦନ୍ତ କରାଯାଇ ଗଣ୍ଡଗୋଳକାରୀଙ୍କୁ ୫୦୦୦ ଟଙ୍କା ଜରିମାନା ଓ ୩ମାସ ଜେଲ୍‌ଦଣ୍ଡ ମିଳିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସରକାରୀ ଓକିଲ ବଡ଼ ଗୌଡ଼, ବରିଷ୍ଠ ଆଇନଜୀବୀ ଜି. ମନ୍ମଥ ରାଓ, ବିଶିକେଶନ ଟାକିଟି, ରାଜ୍ କିଶୋରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ପଞ୍ଚାୟତ ନିର୍ବାଚନରେ କୁର୍ଲି ପଞ୍ଚାୟତର ବିଜୟୀ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା ପ୍ରାୟ ୧୫ଜଣ କର୍ମୀଙ୍କ ଫସଲ ନଷ୍ଟ କରାଯାଇଥିବା ନେଇ ସେମାନେ ଗତ ୨୨ରେ ବିଷମକଟକ ଥାନାରେ ୩୬ ଜଣଙ୍କ ନାଁରେ ଅଭିଯୋଗ କରିଥିଲେ। ଏହାକୁ କିନ୍ତୁ ପୂର୍ବତନ ସରପଞ୍ଚ ଡ୍ରୀଞ୍ଜୀ ଜାକେସିକା ଖଣ୍ଡନ କରିଛନ୍ତି। ଏହି ଘଟଣାକୁ ନିର୍ବାଚନ ରୂପ ଦେଇ ଆମକୁ ବଦନାମ କରୁଛନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ଏହି ଜମି ଆମର ଥିଲା। ପୂର୍ବପୁରୁଷ ଏହାକୁ ଜମିହୀନଙ୍କୁ ଦାନ କରିଥିଲେ। ଏବେ ଆମର ମଧ ପରିବାର ବଢ଼ିବାରୁ ପ୍ରତିପୋଷଣରେ ଅସୁବିଧା ହେଉଛି। ତେଣୁ ଉକ୍ତ ଜମି ଆମେ ଆଉ ଫେରାଇବୁ ନାହିଁ ବୋଲି ସେ କହିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅଭିଯୋଗକାରୀମାନେ ଶନିବାର ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ।



ଶାନ୍ତି କମିଟି ବୈଠକ ଚାଲିଛି।

## ଜିଆଇଇଟିରେ ନୂତନ ଜ୍ଞାନକୌଶଳ ଶିଖିଲେ ସ୍କୁଲଛାତ୍ରୀ



ଛାତ୍ରୀମାନେ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଶିକ୍ଷା ନେଉଛନ୍ତି।

ଗୁଣପୁର,୫।୪(ଡି.ଏନ୍.ଏ.)

ଗୁଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଯାଇ ନୂତନ ଜ୍ଞାନ କୌଶଳ ଶିଖିଛନ୍ତି। ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷା ଅଧୀନ ଅଟୋମୋଟିଭ ଓ ଇଲେକ୍‌ଟ୍ରୋନିକ୍ସ ହାର୍ଡୱେର ଟ୍ରେଡ୍ ଛାତ୍ରୀମାନେ ଔଦ୍ୟୋଗିକ ପରିଭ୍ରମଣ କାର୍ଯ୍ୟକ୍ରମ ଜରିଆରେ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଯାଇଥିଲେ। ସେଠାରେ ନୂତନ ଜ୍ଞାନ କୌଶଳର ଆବଶ୍ୟକତା ଏବଂ ଉପଯୋଗିତା ବିଷୟରେ ବିଭିନ୍ନ ପ୍ରକଳ୍ପ ଦେଖି ଜ୍ଞାନ ଆହରଣ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ଏନ୍.ଭି. ଜେରାଓ, ମେକାନିକାଲ ବିଭାଗ ମୁଖ୍ୟ ଶିବବ୍ରତ ମହାନ୍ତି, ସହଯୋଗୀ ପ୍ରଫେସର ଡ. କାଳୀଚରଣ ରଥ, ଶକ୍ତି ପ୍ରସନ୍ନ ଖାଡ଼ଙ୍ଗା ଏବଂ ଇଲେକ୍‌ଟ୍ରୋନିକ୍ସ ଓ ଇଲେକ୍‌ଟ୍ରିକାଲ ବିଭାଗର ମୁଖ୍ୟ ସଚ୍ଚ ପ୍ରସାଦ ଓ ସହଯୋଗୀ ଅକ୍ଷୟ କୁମାର ସାହୁ, ପଦ୍ମଲୋଚନ ପାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ମିଶ୍ର, ଧନ୍ଦାମୂଳକ ଶିକ୍ଷାର ଦୁଇ ପ୍ରଶିକ୍ଷକ ଆକାଶ ପାଣିଗ୍ରାହୀ ଓ ବିକ୍ରମଜିତ ପାତ୍ର ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ନିଯୁକ୍ତି ଦାବି

### ଆଶାକର୍ମୀ ସଂଘର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ




ଉପଖଣ୍ଡ ଚିକିତ୍ସାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଗୁଣପୁର,୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ନିଯୁକ୍ତି ସହ ୧୩ ଦଫା ଦାବି ନେଇ ସୋମବାର ଆଶାକର୍ମୀ ସଂଘ ପକ୍ଷରୁ ବିଶାଳ ଶୋଭାଯାତ୍ରା ସହ ଦାବିପତ୍ର ପ୍ରଦାନ କରାଯାଇଛି। ଜଗନ୍ନାଥ ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲା। ସେଠାରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗର୍ଭବତୀ, ଜନନି ସୁରକ୍ଷା ଓ ନବଜାତ ଶିଶୁଙ୍କୁ ସେମାନେ ସେବା ଯୋଗାଇ ଆସୁଥିବାବେଳେ ସେମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ କରାଯାଇଛି। ଓଡ଼ିଶା ରାଜ୍ୟ ଶାଶାକର୍ମୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣପୁର, ପଦ୍ମପୁର, ରାମନାଗୁଡ଼ା, ଗୁଡ଼ାରୀ, ଚନ୍ଦ୍ରପୁର ଏବଂ କୋଲନରା ବ୍ଲକର ଆଶାକର୍ମୀ ଏଥିରେ ଯୋଗ ଦେଇଥିଲେ। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ନ ଥିବାରୁ ସମସ୍ୟା ହେଉଥିବା ପ୍ରତିବାଦ ସଭାରେ ଆଲୋକପାତ କରାଯାଇଥିଲା। ଏଥିସହ ଅନ୍ୟ ଦାବି ଯଥା ସେମାନଙ୍କ ପ୍ରାପ୍ୟ ଠିକ୍ ସମୟରେ ପ୍ରଦାନ, ସେମାନଙ୍କୁ ମାଧମ କରି ରୋଗୀଙ୍କୁ ଶୋଷଣ ବନ୍ଦ କରିବା, ସମାନ କାର୍ଯ୍ୟକୁ ସମାନ ଦରମା, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଠିକ୍ ସମୟରେ ପ୍ରଦାନ, ଲାଞ୍ଚ ମାଗିବା ବନ୍ଦ କରିବା, ଗୁଡ଼ାରୀ ବ୍ଲକର ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ତରନ୍ତ ବଦଳି, ପ୍ରାପ୍ୟକୁ ବାଟମାରଣା ନ କରିବା, ଆଶାକର୍ମୀଙ୍କୁ ଗ୍ରୁପ୍ ଇନ୍ସ୍ୟୁରାନ୍ସ ପ୍ରଦାନ କରିବା ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନବେଳେ ଗୁଣପୁର ଶାଖା ସଭାପତି ଭାଗ୍ୟବତି ଗୌଡ଼ ଓ ସମ୍ପାଦକ ଜୟନ୍ତି ନାୟକଙ୍କ ସମେତ ଭାରତୀୟ ମଜଦୁର ରାଜ୍ୟ ସଂଘର ସଭାପତି ଅରୁଣ କୁମାର ଲେଙ୍କା ଏବଂ ସମ୍ପାଦିକା ମମତା ବିଶ୍ୱାଳ ଉପସ୍ଥିତ ଥିଲେ। ଦାବିଗୁଡ଼ିକୁ ଶୀଘ୍ର ପୂରଣ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନି ଦିଆଯାଇଛି।

## ଉଡିଗଲା ଅଙ୍ଗନୱାଡି କେନ୍ଦ୍ର, ଘର ଆଜବେଷ୍ଟସ୍



ଝରିଗାଁ, ୫।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ମଙ୍ଗଳବାର ସନ୍ଧ୍ୟାରେ କାଳ ବୈଶାଖୀ ପ୍ରଭାବରେ ଅତି ଜୋରରେ ପବନ ହୋଇଥିଲା। ଏଥିରେ ଗୁରୁସିଙ୍ଗା ପଞ୍ଚାୟତ ଅଧୀନ କୁସୁମୀ ଆଦିବାସୀ ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରର ଆଜବେଷ୍ଟସ୍ ଉଡିଯାଇଛି। ସେହିଭଳି ଉକ୍ତ ଗାଁର ଅଖିଳ ଗଣ୍ଡ ଏବଂ ତେଲନଦୀ ପଞ୍ଚାୟତ ଖଦରାପାଣି ଗ୍ରାମର ଲୁକା ବିଷୋୟୀ, ମାଟୁ ସାନ୍ତାଙ୍କ ଘରର ଆଜବେଷ୍ଟସ୍ ପବନରେ ଉଡି ଯାଇଥିବା ଖବର ମିଳିଛି। ମଙ୍ଗଳବାର ସନ୍ଧ୍ୟା ୫ଟାରେ ଜୋରେ ପବନ ବହିବା ସହ ବର୍ଷା ହୋଇଥିଲା।

## ଜେସିବି ଧକ୍କାରେ ଯୁବକ ମୃତ, ଗାଡ଼ି ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

କୋଷାଗୁମୁଡ଼ା, ୫।୪(ଡି.ଏନ୍.ଏ.)

ନବରଙ୍ଗପୁର-କୋଷାଗୁମୁଡ଼ା ମୁଖ୍ୟ ରାସ୍ତାର ନୂଆ ବନ୍ଧ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଜେସିବି ଧକ୍କାରେ ଜଣେ ଯୁବକଙ୍କ ମୃତ ହୋଇଯାଇଛି। ଏହାପରେ ଉତ୍ତ୍ୟକ୍ତ ଲୋକମାନେ ଉକ୍ତ ଜେସିବିକୁ ପୋଡ଼ି ଦେଇଛନ୍ତି। ମୃତକ ହେଲେ ବି.ଏମ୍. ସେମଳା ଗ୍ରାମର ଦେବେନ୍ଦ୍ର ମାଳି। ସୂଚନାନୁଯାୟୀ ଦେବେନ୍ଦ୍ର ଜଣେ ବ୍ୟବସାୟୀ। ବାକଟିଗୁଡ଼ା ଗ୍ରାମରେ ଥିବା ନିଜ ଦୋକାନ ପାଇଁ ସେ ଜିନିଷ ଆଣିବା ପାଇଁ କୋଷାଗୁମୁଡ଼ାକୁ ବାଇକ ଯୋଗେ ଯାଉଥିଲେ। ନୂଆ ବନ୍ଧ ନିକଟରେ ଚାଲିଥିବା ରାସ୍ତା କାମରେ ନିୟୋଜିତ ଥିବା ଏକ ଜେସିବି ତାଙ୍କୁ ଧକ୍କା ଦେଇଥିଲା। ଦେବେନ୍ଦ୍ର ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଜେସିବିକୁ ଜାଳି ଦେଇଥିଲେ। ଖବରପାଇ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ପୋଲିସ, କୋଡ଼ିଙ୍ଗା ତହସିଲଦାର, ଅତିରିକ୍ତ ତହସିଲଦାର ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନେଇ ଥାନାରେ କେସ୍ ନଂ. ୪୬/୨୨ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଆଦିବାସୀଙ୍କୁ ଜୀବିକା ଦେଉଛି ମହୁଲ ଫୁଲ

ଟିକିରି, ୫।୪(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ଅଞ୍ଚଳରେ ଏବେ ସବୁଠି ମହୁଲ ଫୁଲର ବାସ୍ନା। ଏଠାକାର ଆଦିବାସୀମାନେ ଏବେ ମହୁଲ ଫୁଲ ଗୋଟାଇ ରୋଜଗାର କରୁଛନ୍ତି। ଆଦିବାସୀମାନେ ନିଜ ନିଜ ଡଙ୍ଗର ଜମିରେ ମହୁଲ ଗଛ ରୋପଣ କରିଥାନ୍ତି। ମୂଳରେ ଗୋବର ଖତ ନ ହେଲେ ଛେଳି ଖତ ଦେଇ ସେମାନେ ଗଛକୁ ହୃଷ୍ଟପୁଷ୍ଟ କରିଥାନ୍ତି। ଗଛ ଥରେ ବଢ଼ିଲା ପରେ ପ୍ରତ୍ୟକ ବର୍ଷ ମାର୍ଚ୍ଚ ଓ ଏପ୍ରିଲ ମାସରେ ମହୁଲ ଫୁଲ ସଂଗ୍ରହ କରି ତାହାକୁ ବିକି ରୋଜଗାର କରିଥାନ୍ତି।

ମହୁଲ ଫୁଲ ସକାଳୁ ଝରି ପଡିଥାଏ। ସାଙ୍ଗରେ ଖାଇବାକୁ ପଖାଳ ବାନ୍ଧି ଆଦିବାସୀମାନେ ମହୁଲ ଫୁଲ ସଂଗ୍ରହ କରିବାକୁ ବାହାରି ଯାଇଥାନ୍ତି। ମହୁଲ ଆଣିବା ପରେ ସେମାନେ ତାକୁ ନିଜ ଘର ଦାଣ୍ଡରେ ଖରାରେ ସୁଖାଇ ଥାଆନ୍ତି। ଶୁଖିଗଲା ପରେ ତାକୁ ବସ୍ତାରେ ଭରି ରଖାଯାଏ। ଯେତେବେଳେ ବେପାରୀମାନେ ଗାଁ କୁ ଆସିନ୍ତି ଆଦିବାସିମାନେ ମାଣରେ ମାପି ଫୁଲ ବିକ୍ରି କରିଥାନ୍ତି। ଗୋଟିଏ ମାଣକୁ ସେମାନେ ୫୦ ଟଙ୍କାରେ ବିକ୍ରି କରିଥାନ୍ତି। ବେପାରୀମାନେ ଆଦିବାସୀଙ୍କଠାରୁ କମ୍ ଦରରେ କିଣି ମହୁଲ ଫୁଲକୁ ବଜାରରେ ଚଢ଼ା ଦରରେ ବିକ୍ରି କରିଥାନ୍ତି। ମହୁଲରୁ ଦେଶୀ ମଦ, ପୌଷ୍ଟିକ ଗୋ ଖାଦ୍ୟ, ମହୁଲ ପିଠା, ଲଡୁ ତିଆରି ହୁଏ। ତେଣୁ ଏହି ଫୁଲର ଚାହିଦା ରହିଛି। ସରକାରୀ ପ୍ରୋତ୍ସାହନ ନଥିବାରୁ ପ୍ରକୃତ ମୂଲ୍ୟ ପାଇବାରେ ଚାଷୀ ବଞ୍ଚିତ ହେଉଛନ୍ତି। ଯଦି ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ ଉପକୃତ ହୋଇପାରନ୍ତୁ ବୋଲି ଚାଷୀ କହିଛନ୍ତି।



ମହିଳାମାନେ ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

## ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ରାୟଗଡା ଅଫିସ, ୫।୪

ରାୟଗଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ୨୦୨୧-୨୨ ଶିକ୍ଷା ବର୍ଷ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷା ଭି.ଆର୍. ରତ୍ନଶ୍ରୀ ଏବଂ ପଦାର୍ଥ ବିଜ୍ଞାନ ବିଭାଗ ଅଧାପକ ତଥା ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଆତ୍ମରକ୍ଷା ପ୍ରଶିକ୍ଷଣ ଜିଲା ସଂଯୋଜକ ଅଶୋକ କୁମାର ସାହୁ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଏହି ପ୍ରଶିକ୍ଷଣର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ପୂଜା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟ ଅଧାପିକା ପ୍ରିୟଦର୍ଶିନୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନି ଦିବସରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୦ ଜଣ ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷକ ଦୀର୍ଘ ୮ ଦିନ ଧରି ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ।

## ୩୧ଜଣଙ୍କୁ ମିଳିଲା ନିଜ ଚୋରି, ହଜିଥିବା ମୋବାଇଲ



ଏସ୍‌ପିଙ୍କ ସହ ନିଜ ମୋବାଇଲ ଫେରିପାଇଥିବା ବ୍ୟକ୍ତି ଓ ମହିଳାମାନେ।

ନବରଙ୍ଗପୁର,୫।୪(ବି.ପ୍ର.)

ନବରଙ୍ଗପୁର ଜିଲାର ବିଭିନ୍ନ ଥାନାରେ ମୋବାଇଲ ହଜିଯାଇଥିବା ଓ ଚୋରି ହୋଇଥିବା ନେଇ ମାମଲା ରୁଜୁ ହୋଇଥିଲା। ଜିଲା ପୋଲସ ମୁଖ୍ୟାଳୟ ସାଇବର ସେଲ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ୩୧ଜଣଙ୍କ ମୋବାଇଲ ଜବତ କରାଯାଇଛି। ଏସ୍‌ପି ସ୍ମିଥ ପି. ପରମାର ଏକ ଖବରଦାତା ସମ୍ମିଳନୀ କରି ମୋବାଇଲ ମାଲିକଙ୍କୁ ତାଙ୍କ ଫୋନ୍ ଦେଇଥିଲେ। କୌଣସି ସାଇବର ଠକେଇ, ମୋବାଇଲ ଚୋରି ଆଦି ଘଟିଲେ ଥାନା ଓ ସାଇବର ସେଲ୍‌କୁ ତୁରନ୍ତ ଜଣାଇବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ସେହିଭଳି ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା ମୋବାଇଲ ହ୍ୱାଟ୍ସଅପ୍, ଫ୍ରିଡାଉନଲୋଡ୍, ଏଟିଏମ୍‌ରେ ଅଜଣା ବ୍ୟକ୍ତିମାନଙ୍କ ଦ୍ୱାରା ଟଙ୍କା ଉଠାଇବା, ପେସ୍‌ବୁକ୍, ଫଟୋ ଏଡିଟିଂ, ଏଟିଏମ୍ ଓ ମୋବାଇଲ ସିକ୍ରେଟ ପିନ୍ ଆଦି ସମ୍ପର୍କରେ ସଚେତନ କରାଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ସଚେତନ ହେବା ସହ ସାଇବର ଠକେଇରୁ ବର୍ତ୍ତିବା ପାଇଁ ପୋଲିସ, ପ୍ରଶାସନ, ଓ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସତର୍କ ସୂଚନା ପ୍ରତି ମଧ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ପୁରୁଷୋତ୍ତମ ଭୋଇ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ମୀରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଚୋରି ଅଭିଯୋଗରେ ୨ ଗିରଫ, ଗାଡ଼ି ଜବତ

ଉମରକୋଟ, ୫।୪(ସ୍ୱ.ପ୍ର.)

ଟ୍ରକ ଚୋରି ଅଭିଯୋଗରେ ନବରଙ୍ଗପୁର ଜିଲା ଉମରକୋଟ ପୋଲିସ ହାତରେ ଧରା ପଡିଛନ୍ତି ଦୁଇ ଅଭିଯୁକ୍ତ। ସେମାନେ ହେଲେ ରାହୁଲ ଭଟ୍ଟାଚାର୍ଯ୍ୟ ଏବଂ ସମୀର ଦାଶ। ଅନ୍ୟଜଣେ ଅଭିଯୁକ୍ତ ସୁଜୟ ସରକାର ଫେରାର ଅଛନ୍ତି। ଡ୍ରାଇଭର ରାମକୃଷ୍ଣ ମାଝି ମାର୍ଚ୍ଚ ୨୩ରେ ଟ୍ରକ୍ (ଓଡି-୨୪ଇ-୬୫୩୦)କୁ ହୀରାପୁରରୁ ମହୁଲି କ୍ୟାମ୍ପକୁ ନେଇ ଯାଉଥିବାବେଳେ ଡ଼ୁଙ୍ଗରିଗୁଡ଼ା ଗ୍ରାମ ନିକଟରୁ ଅଭିଯୁକ୍ତମାନେ ଗାଡ଼ି ଟଙ୍କା ବାକି ଥିବା କହି ଜୋର୍ ଜବରଦସ୍ତ ଗାଡି ଛଡାଇ ନେଇଥିଲେ। ଏଥିରେ ଥିବା ଦୁଇ ବ୍ୟାରେଲ ଡିଜେଲ, ଗାଡ଼ି ଟାୟାର, ଗ୍ୟାସ ଚୁଲା ଓ ନଗଦ ୨୦ ହଜାର ଟଙ୍କା ନେଇ ଅଭିଯୁକ୍ତମାନେ ଡ୍ରାଇଭରଙ୍କୁ ଜାତିଆଣ ଆକ୍ଷେପ କରି ମାଡ଼ ମାରିଥିଲେ। ଟ୍ରକ୍ ମାଲିକ ସୁଜନ ମଣ୍ଡଳ ଫାଇନାନ୍ସ କମ୍ପାନୀକୁ ଯୋଗାଯୋଗ କରି ଟ୍ରକର ଋଣ ବାକି ନଥିବା ସମ୍ପର୍କିତ ରିଲିଜ ଲେଟର ଆଣିବା ପରେ ମଧ ତାଙ୍କୁ ଟ୍ରକ୍ ମିଳିନଥିଲା। ଏହା ପରେ ସମ୍ପୃକ୍ତ ଯୁବକମାନଙ୍କ ନାମରେ ଡ୍ରାଇଭର ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ରାହୁଲ ଓ ସୁଜୟ ଗାଡ଼ି ଝିକିବା କାମ କରନ୍ତି। ସମୀର ଦାସ ଷ୍ଟକୟାଡ଼ କାର୍ଯ୍ୟ କରୁଥିଲେ। ଏହି କମ୍ପାନୀର ଷ୍ଟକ୍‌ୟାର୍ଡ ଉମରକୋଟ ରାମ ମନ୍ଦିର ନିକଟରେ। ଅଭିଯୁକ୍ତମାନେ ଉମରକୋଟ ନିକଟସ୍ଥ ଦର୍ଗାଗୁଡା ବଙ୍ଗୀୟ ଗ୍ରାମର ଏକ କାଜୁ ବାଡରେ ଟ୍ରକ୍ ଲୁଚାଇ ରଖିଥିଲେ। ସୋମବାର ରାତିରେ ପୋଲିସ ଟ୍ରକ୍ ଜବତ କରି ଥାନାକୁ ଆଣିଛି। ଉମରକୋଟ ପୋଲିସ୍ ଉପଖଣ୍ଡ ଅଧିକାରୀ ଡକ୍ଟର ଦିନେଶ ନାୟକ ଘଟଣାର ତଦନ୍ତ କରୁଛନ୍ତି।

## ବିଦ୍ୟୁତ୍ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଉମରକୋଟ, ୫।୪(ସ୍ୱ.ପ୍ର.)

ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ କେତେଜଣ ଭାଜପା କର୍ମୀ ଟିପିସିଏଲ୍(ବିଜୁଳି ବିଭାଗ) କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଏବଂ ସିଇଓଙ୍କ ସହ ବିଧାୟକ ଫୋନ୍ ଯୋଗେ ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ସମସ୍ୟା ୭ଦିନ ମଧରେ ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି।

ଉମରକୋଟ ଏବଂ ରାଇଘର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍, ପୁରୁଣା ବିଦ୍ୟୁତ୍ ତାର ପରିବର୍ତ୍ତନ, ପୋଡ଼ା ଏବଂ ଯାନ୍ତ୍ରିକ ତ୍ରୁଟି ଥିବା ଟ୍ରାନ୍ସଫର୍ମରର ପରିବର୍ତ୍ତନ କରାଯାଉନାହିଁ। ସେହିଭଳି ଲୋ ଭୋଲ୍‌ଟେଜ୍ ରହୁଛି। ଏହିସବୁ ସମସ୍ୟାର ସମାଧାନ ୭ ଦିନ ମଧରେ ନ ହେଲେ ଭାଜପା ପକ୍ଷରୁ ଆନ୍ଦୋଳନ ହେବ। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଏଥିପାଇଁ ଟିପିସିଏଲ୍ ଦାୟୀ ରହିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି। ମା' ଜଗତ୍‌ଜନନୀଙ୍କ ନବଦିନ ଯାତ୍ରା ସମୟରେ ସହରରେ ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିବା ସହିତ ପୁନର୍ବାର ଏପରି ଭୁଲ୍ ନ କରିବା ପାଇଁ ଚେତାବନୀ ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ନଗର ସାଧାରଣ ସମ୍ପାଦକ ଚିନ୍ମୟ କୁମାର ପଟ୍ଟନାୟକ,ମହେଶ ଗଣ୍ଡ ଏବଂ ଜଟି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୁଳି ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ଞାନବର୍ଦ୍ଧନ ବେହେରା ଦାବିପତ୍ର ଗ୍ରହଣ କରୁଛନ୍ତି।

## ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

**ପଟ୍ଟାଙ୍ଗୀ,(ଡି.ଏନ୍.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟ ଅଧକ୍ଷ ଡ. ରାମକୃଷ୍ଣ ସାମଲ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ରାଜଶ୍ରୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ୧୨୮ ଛାତ୍ରୀ ତାଲିମ ନେଇଥିଲେ। ଏହି ଶିବିର ୯ ଦିନ ଧରି ଚାଲିବ। ଶିବିରରେ ମାଷ୍ଟର ଟ୍ରେନର ଭାବେ ଯୁକ୍ତ ୩ର ଛାତ୍ରୀ ସୁପ୍ରଭା ମୁଠାଇ ଓ ଭବାନୀ ଖରା ତାଲିମ ଦେବେ। ସମ୍ମାନିତ ଅତିଥି ଭାବେ ଅଧାପକ ଶେଷଦେବ ବାରିକ, ବୈଲୋଚନ ରଣା, ୟୁଥ୍ ରେଡ୍‌କ୍ରସ୍‌ର ଅଧାପକ ସରୋଜ ରଞ୍ଜନ ଭୂୟାଁ ଏବଂ ଏନ୍ଏସ୍ଏସ୍ ଅଧିକାରୀ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ଉପକାରିତା ସମ୍ପର୍କରେ ବୁଝାଇଥିଲେ ।

### ସଂକ୍ଷେପରେ

## ସାବେରୀ ନଦୀରୁ ମୃତଦେହ ଜବତ



**ମାଲକାନଗିରି/ଏମ୍‌ଭି-୭୯,୫।୪ (ଡି.ଏନ୍.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତ ମୋଟୁ ନିକଟରେ ଥିବା ସାବେରୀ ନଦୀରୁ ଏକ ମୃତଦେହ ଜବତ ହୋଇଛି। ମଙ୍ଗଳବାର ସକାଳୁ ମୋଟୁ ଅଞ୍ଚଳର କେତେଜଣ ଲୋକ ସାବେରୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ଏକ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ଲୋକେ ମୋଟୁ ଥାନା ଓ କାଲିମେଳା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହଟି ମୋଟୁ ଗ୍ରାମର ପଡିଆମି ଲାଛାଙ୍କର ବୋଲି ଜଣାପଡିଛି। ବ୍ୟବଚ୍ଛେଦ ପରେ ଏହାକୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ମୋଟୁ ଥାନା ଅଧିକାରୀ ଅଶୋକ ଭୋଇ କହିଛନ୍ତି।

## ୨୭ ୟୁନିଟ ରକ୍ତ ସଂଗ୍ରହ

**ମାଲକାନଗିରି, ୫।୪ (ଡି.ଏନ.ଏ.):** ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସଦର ମହକୁମାସ୍ଥିତ ସତ୍ୟସାଇ ମନ୍ଦିରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ମୋଟ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ୨୭ ଜଣ ଯୁବକ ରକ୍ତଦାନ କରିଥିଲେ। ଶିବିରକୁ ସାମାଜିକ କର୍ମୀ ଜି. ସଂଜୀବ ଦୋରା ଓ ଟୁକୁଲୁ ପ୍ରଧାନ ପରିଚାଳନା କରିଥିଲେ।

## ବାଲ୍ୟବିବାହ ନିରାକରଣ ନେଇ ଶପଥପାଠ

**ଚିତ୍ରକୋଣ୍ଡା,୫।୪(ଡି.ଏନ୍.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ଟନେଲ କ୍ୟାମ୍ପଠାରେ ଆଇସିଡିଏସ୍ ପକ୍ଷରୁ ପଞ୍ଚାୟତ ପ୍ରତିନିଧି, କିଶୋରୀ ବାଳିକା, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ ନେଇ ପଞ୍ଚାୟତସ୍ତରୀୟ ବାଲ୍ୟବିବାହ ନିରାକରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଯୁକ୍ତ ବୟସସୀମା ମଧ୍ୟରେ ବିବାହ କରିବା, କିଶୋରୀ ସ୍ୱାସ୍ଥ୍ୟର ଯତ୍ନ, ବାଲ୍ୟବିବାହକୁ ସବୁ ସ୍ତରରେ ରୋକିବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟନେଲ କ୍ୟାମ୍ପ ଅଙ୍ଗନୱାଡି କର୍ମୀ ସଞ୍ଜୁଲତା ସାମଲ ପରିଚାଳନା କରିଥିଲେ।

## ସୁନାବେଡ଼ା ଡିଗ୍ରୀ ମହିଳା ମହାବିଦ୍ୟାଳୟ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

**ସୁନାବେଡ଼ା,୫।୪(ସ୍ୱ.ପ୍ର.):** ସୁନାବେଡ଼ା ଡିଗ୍ରୀ ମହିଳା ମହାବିଦ୍ୟାଳୟ ଦ୍ୱାରା ପ୍ରସ୍ତାବିତ ତଥା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ମନୋନୀତ ଅବସର ପ୍ରାପ୍ତ ପ୍ରାଧାପକ ଡ. ଉମାଶଙ୍କର ପ୍ରସାଦ ପାତ୍ର ମହାବିଦ୍ୟାଳୟର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ଉଷାରାଣୀ ଦାସଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ଅଧାପକ ଡ. ବାସୁଦେବ ସାହୁ, ଅଧାପିକା ସରିତା ପରିଡ଼ା, ଶୁଭଶ୍ରୀ ପରିଡ଼ାଙ୍କ ସମେତ ଲକ୍ଷ୍ମୀପ୍ରିୟା ଚୌଧୁରୀ, ପ୍ରହଲ୍ଲାଦ ପ୍ରଧାନ, ଜୟନ୍ତ ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଧାପିକା ବାସନ୍ତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଟିବିମୁକ୍ତ ଭାରତ ପାଇଁ ଶପଥ ନେଲେ ପଞ୍ଚାୟତବାସୀ

**ଚିତ୍ରକୋଣ୍ଡା,୫।୪(ଡି.ଏନ.ଏ.):** ଭାରତକୁ ଟିବି(ଯକ୍ଷ୍ମା)ମୁକ୍ତ କରିବାକୁ ଟନେଲ କ୍ୟାମ୍ପ ପଞ୍ଚାୟତବାସୀ ଶପଥ ନେଇଛନ୍ତି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ, କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆର୍. ପ୍ରତୀକ ପ୍ରିୟଦର୍ଶନ, କମ୍ୟୁନିଟି ହେଲ୍‌ଥ ଅଫିସର ଶୁଭସ୍ମିତା ବେହେରା, ଟନେଲ କ୍ୟାମ୍ପ ସରପଞ୍ଚ ଶୀତମା ମୁଦୁଲି ଉପସ୍ଥିତ ଥିଲେ। ଟନେଲ କ୍ୟାମ୍ପ ପଞ୍ଚାୟତ ସଭାଗୃହରେ ହୋଇଥିବା ସଭାରେ ସମିତିସଭ୍ୟ, ନାଏବ ସରପଞ୍ଚ, ସମସ୍ତ ୱାର୍ଡମେମ୍ବର, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବିଭିନ୍ନ ଗ୍ରାମରେ ସଚେତନତା ସଭା, ପଦଯାତ୍ରା କରାଯିବ। ଘରକୁ ଘର ବୁଲି ଟିବି ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ। ହେଲ୍‌ଥ ଅଫିସର ଶୁଭସ୍ମିତା ବେହେରା ସମସ୍ତଙ୍କୁ ଶପଥପାଠ କରାଇଥିଲେ।

# ଅନୁସୂଚିତ ଜାତି, ଜନଜାତି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ଉପଜିଲାପାଳ

**ମାଲକାନଗିରି,୫।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକସ୍ଥିତ ପଦ୍ମଗିରି ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଉପଜିଲାପାଳ ଅକ୍ଷୟ କୁମାର ଖେମୁଡୁ ଅଚାନକ ପରିଦର୍ଶନ କରିଥିଲେ। ଏହି ବିଦ୍ୟାଳୟରେ ୭ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗତ ଦୁଇବର୍ଷ ଧରି କରୋନା କଟକଣା ଯୋଗୁ ବିଦ୍ୟାଳୟ ବନ୍ଦ ଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟ ୫–ଟି ଅଧୀନରେ ସ୍ମାର୍ଟ ସ୍କୁଲ ମାନ୍ୟତା ପାଇଛି। ବିଦ୍ୟାଳୟର ପରିବେଶ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଏବଂ ପାନୀୟ ଜଳ ସମ୍ପର୍କରେ ଉପଜିଲାପାଳ ଖେମୁଡୁ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। ଛାତ୍ରୀଛାତ୍ରମାନେ ମଧ ସେମାନଙ୍କ ବିଭିନ୍ନ ସମସ୍ୟା ଉପଜିଲାପାଳଙ୍କୁ କହିଥିଲେ। ବିଦ୍ୟାଳୟରେ ପାନୀୟ ଜଳ ଅଭାବ ଯୋଗୁ ସେମାନେ ହଇରାଣ ହେଉଥିବା ଉପଜିଲାପାଳଙ୍କୁ ଅବଗତ କରାଇଥିଲେ। ଏଥିସହ ସ୍ମାର୍ଟ ସ୍କୁଲ କାର୍ଯ୍ୟ କିପରି ଚାଲିଛି ତାହାର ମଧ ଉପଜିଲାପାଳ ତଦାରଖ କରି ତୁରନ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ।



ଛାତ୍ରୀଙ୍କ ଗହଣରେ ଉପଜିଲାପାଳ ଅକ୍ଷୟ କୁମାର ଖେମୁଡୁ।

### ପାନୀୟ ଜଳ ସମସ୍ୟା ଦୂରକରିବାକୁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଡକାଇ ବିଦ୍ୟାଳୟର ପାନୀୟ ଜଳ ସମସ୍ୟା ଦୂରକରିବାକୁ ନିର୍ଦ୍ଦେଶ ଦେବା ସହ ଭଗ୍ନାବସ୍ଥାରେ ଥିବା ୪ଟି ବାସଗୃହ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଉପଜିଲାପାଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ରାଜସ୍ୱ ଆଦାୟ, ଜମିଜମା ସଂକ୍ରାନ୍ତୀୟ ମାମଲା, ବେଆଇନ ଇଟାଭାଟି ଉପରେ କି କାର୍ଯ୍ୟାନୁଷ୍ଠାନ ହୋଇଛି ସେ ସମ୍ପର୍କରେ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରିଥିଲେ।

## ୫୪୨ କେଜି ଗଞ୍ଜେଇ ଜବତ କଲା ମାଛକୁଣ୍ଡ ପୋଲିସ



**କୋରାପୁଟ,୫।୪(ସ୍ୱ.ପ୍ର)**

କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନ୍ତର୍ଗତ ମାଛକୁଣ୍ଡ ଥାନା ଅଞ୍ଚଳରୁ ଉତ୍ତରପ୍ରଦେଶର ଏକ ଟ୍ରକରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଖବର ପାଇ ମଙ୍ଗଳବାର ମାଛକୁଣ୍ଡ ପୋଲିସ ଏହାକୁ ଜବତ କରିଛି। ଟ୍ରକରୁ ୫୪୨ କେଜି ୧୦୦ ଗ୍ରାମ ଗଞ୍ଜେଇ ମିଳିଛି। ଏଥିରେ ସମ୍ପୃକ୍ତ ରାକେଶ ନାମକ ଯୁବକଙ୍କୁ ଗିରଫ କରାଯାଇଛି। ସେ ଉତ୍ତର ପ୍ରଦେଶ ରାଏବେଲେରି ଅଞ୍ଚଳର ବୋଲି ଜଣାପଡିଛି। ମିଳିଥିବା ଖବରରୁ ଜଣାପଡିଛି ମାଛକୁଣ୍ଡ ଏସଆଇ ଚିତ୍ତ ପ୍ରଧାନୀ ମଙ୍ଗଳବାର ଭୋରରୁ କାନାଗାଁ ଛକ ନିକଟରେ ଗାଡିମୋଟର ଯାଞ୍ଚ କରୁଥିଲେ। ବଡକିଚବରୁ ଭାୟା ଜୟପୁର ଦେଇ ଉତ୍ତର ପ୍ରଦେଶକୁ ଏକ ଟ୍ରକ (ୟୁପି–୩୩ ଏଟି ୭୫୦୮) ଦ୍ରୁତ ଗତିରେ ଯାଉଥିବା ଦେଖି ପୋଲିସ ସନ୍ଦେହରେ ଏହାକୁ ଅଟକାଇ ଯାଞ୍ଚ କରିଥିଲା। ତେବେ ଟ୍ରକ ଚାଳକ ପୋଲିସକୁ ଦେଖି ଫେରାର ହୋଇଯାଇଥିଲେ। ଟ୍ରକକୁ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ତେବେ ପରେ ଫେରାର ରାକେଶଙ୍କୁ ପୋଲିସ ଗିରଫ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବାରୁ ଏହା ୫୪୨ କେଜି ୧୦୦ ଗ୍ରାମ ହୋଇଥିଲା। ଏନେଇ ମାଛକୁଣ୍ଡ ଥାନାରେ ୩୧/୨୨ରେ ଏକ ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

# ଅଫିସ୍‌ରେ ତାଲା ପକାଇ ପ୍ରତିବାଦ କଲେ ଜମାକାରୀ

### ଡାକ ବିଭାଗରେ ଜମାକାରୀଙ୍କ ଟଙ୍କା ହଡ଼ପ ଘଟଣା

**ନାରାୟଣପାଟଣା,୫।୪(ଡି.ଏନ୍.ଏ.)**

ନାରାୟଣପାଟଣା ପୋଷ୍ଟ ଅଫିସ୍‌ରୁ ଜମାକରୀଙ୍କ ଅର୍ଥ ହଡ଼ପ ଘଟଣାରେ ମଙ୍ଗଳବାର ୩୦ରୁ ଊର୍ଦ୍ଧ୍ୱ ଜମାକାରୀ ଏକାଠି ହୋଇ ପୋଷ୍ଟ ଅଫିସରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଧରାପଡ଼ିଥିଲେ ମଧ ତାଙ୍କ ବିରୋଧରେ ସେପରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଏ ଯାଏ ନିଆଯାଇନାହିଁ। ଏହାର ପ୍ରତିବାଦରେ ସେମାନେ ନ୍ୟାୟ ପାଇଁ ପୋଷ୍ଟ ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ପୋଲିସ ପହଞ୍ଚି ଜମାକାରୀଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିଲେ। ଯେପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ନ ଫେରିଛି ସେ ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ଜମାକାରୀମାନେ ଚେତାବନୀ ଦେଇଛନ୍ତି। ଆମର ଟଙ୍କା ଗଲା, ଡାକଘରେ ଓ ଥାନାରେ ଅଭିଯୋଗ କଲୁ କିଛି ସୁଫଳ ପାଇଲୁନାହିଁ। ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ କୌଣସି ଉଦ୍ୟମ କରୁନାହିଁ ବୋଲି ଜମାକାରୀମାନେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ଏନେଇ ବିଗତ ଦିନରେ ଜୟପୁରସ୍ଥିତ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସରେ ସନ୍ତୋଷ ମାଣି ଗ୍ରାମୀଣ ଡାକ ସେବକ ବୃନ୍ଦାବନ ଦଳେଇଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ବୃନ୍ଦାବନ ଚଞ୍ଚକତା କରି ଜମାକାରୀଙ୍କ ପାସ୍‌ବୁକ ଓ ବିଭାଗର ଷ୍ଟାମ୍ପକୁ ନକଲ କରି ଦୀର୍ଘଦିନ ଧରି ଲୋକଙ୍କୁ ଠକି ଆସୁଥିଲେ। ସେ ପ୍ରାୟ ଶତାଧିକ ହିତାଧିକାରୀଙ୍କଠାରୁ ୩୫ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଉଲ୍ଲେଖ କରିଥିଲେ। ତେବେ ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଜମାକାରୀ ନିଜ ଜମାରାଶି କିପରି ଫେରିପାଇବେ ସେନେଇ ବିଭାଗ ତ୍ୱରିତ ପଦକ୍ଷେପ ନେଉଛି। ପଡ଼ୋଶୀ ଜିଲାର ଥାନାମାନଙ୍କୁ ଅବଗତ କରାଯାଇଛି ବୋଲି ଡାକ ବିଭାଗର ଜଣେ ଅଧିକାରୀ କହିଛନ୍ତି।

## ୩ ଡକାୟତଙ୍କୁ ଗିରଫକଲା ସେମିଳିଗୁଡ଼ା ପୋଲିସ



ଗିରଫ ୩ ଡକାୟତ।

**ସେମିଳିଗୁଡ଼ା/ସୁନାବେଡ଼ା,୫।୪ (ସ୍ୱ.ପ୍ର.)**

ସେମିଳିଗୁଡ଼ା ପୋଲିସ ମଙ୍ଗଳବାର ୩ ଜଣ ଡକାୟତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଖବରରୁ ଜଣାପଡ଼ିଛି ଚଳିତ ମାସ ୩ ତାରିଖରେ ପାଡୁଆ ଥାନା ଅନ୍ତର୍ଗତ ଗୋଲୁରୁ ଗ୍ରାମର ଜଗାରାଓ ମେଲକାଙ୍କ ପୁଅ ଅକ୍ଷୟ ମେଲକା (୨୪) କୌଣସି କାର୍ଯ୍ୟରେ ସେମିଳିଗୁଡ଼ାସ୍ଥିତ ଜିଓ ଅଫିସ୍‌କୁ ଆସିଥିଲେ। ପେଟ୍ରୋଲ ପମ୍ପ ନିକଟରେ ସେ ଜିଓ ଅଫିସ୍ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ୨ଜଣ ଯୁବକ ତାଙ୍କୁ ଜିଓ ଅଫିସ୍‌ରେ ପହଞ୍ଚାଇ ଦେବେ କହି ହାଟପଦା ନିକଟସ୍ଥ ଧାନ ରାଗିଣୀ ମନ୍ଦିର ପାଖରେ ଥିବା ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ କେତେଜଣ ଯୁବକ ଥିଲେ। ସମସ୍ତେ ମିଶି ଅକ୍ଷୟଙ୍କୁ ମାଡ଼ ମାରି ତାଙ୍କ ପାଖରେ ଥିବା ୪୧ ହଜାର ୫୦୦ ଟଙ୍କା, ଦୁଇଟି ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଅକ୍ଷୟ ଭୟରେ ସେଠାରୁ ଚାଲିଯାଇ ସେମିଳିଗୁଡ଼ାରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୫୮/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିଲା। ଏବେ ସମ୍ପୃକ୍ତ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ଘର ସ୍ଥାନୀୟ ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ। ଅଭିଯୁକ୍ତଙ୍କ ନିକଟରୁ ନଗଦ ୧୭ହଜାର ୫୦୦ଟଙ୍କା, ଦୁଇଟି ବାଇକ୍ ଜବତ ହୋଇଛି ବୋଲି ଏକ ଖବରଦାତା ସମ୍ମିଳନୀରେ ସେମିଳିଗୁଡ଼ାରେ ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମହାପାତ୍ର କହିଛନ୍ତି।

## ଚୁଆପାଣି ଗ୍ରାମବାସୀଙ୍କ ଭରସା



ଗ୍ରାମବାସୀ ଚୁଆରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

**ଚିତ୍ରକୋଣ୍ଡା,୫।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ପାପର ମେଟେଲା ପଞ୍ଚାୟତବାସୀ ପାନୀୟଜଳ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୁଚାପାଣି ଓ କଦଳୀବନ୍ଧା ଗ୍ରାମବାସୀ ଚୁଆ ଓ ଝରଣାପାଣି ଉପରେ ନିର୍ଭର କରୁଛନ୍ତି। ଲୁଚାପାଣି ଗ୍ରାମରେ ୫୦ ପରିବାର ବାସ କରୁଥିବା ବେଳେ ଉକ୍ତ ଗ୍ରାମରେ ଗୋଟିଏ ନଳକୂଅ ରହିଛି। ତାହା ଏବେ ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଗାଁମୁଣ୍ଡରେ ଥିବା ଚୁଆରୁ ପାନୀୟ ଜଳ ସଂଗ୍ରହକରି ଚଳୁଛନ୍ତି। ସେହିଭଳି ୪୦ ପରିବାର ବସବାସ କରୁଥିବା କଦଳୀବନ୍ଧା ଗ୍ରାମରେ ମଧ ଗୋଟିଏ ମାତ୍ର ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏବେ ତାହା ଅଚଳ ହୋଇପଡ଼ିଛି। ଚୁଆ ଏବଂ ଝରଣାପାଣିକୁ ଛାଣି ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ସୁଫଳ ମିଳିନାହିଁ।

## ଓଏଏସ୍ ସ୍ତରରେ ଅଦଳବଦଳ: ୪ଜଣଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଓଏସ୍‌ସିଏସ୍‌ସିର ଏମ୍‌ଡି ବିଶ୍ୱଜିତ କେଶରୀ ଦାସଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ରାୟଗଡ଼ା ପଦ୍ମପୁର ବିଡିଓ ଦୟାମୟ ପାଢ଼ୀଙ୍କୁ ଝାରସୁଗୁଡ଼ା ସବକଲେକ୍ଟର ଭାବେ ବଦଳି କରାଯାଇଛି। ଏଥିସହିତ ୪ଜଣ ଓଏଏସ୍ ଅଧିକାରୀଙ୍କୁ ମଧ ରାଜ୍ୟ ସରକାର ପଦୋନ୍ନତି ଦେଇଛନ୍ତି। ବାଲେଶ୍ୱର ଏଫ୍‌ଏମ୍ ରେଜିଷ୍ଟ୍ରାର କୁକୁମିନା ଦାସ, ବାଲେଶ୍ୱର ନୀଳଗିରି ସବ୍‌କଲେକ୍ଟର ଦୀପ୍ତି ରଞ୍ଜନ ସେଠୀ, କଟକ ଓପିଏସ୍‌ସି ଅଣ୍ଡର ସେକ୍ରେଟାରୀ ଦୀପ୍ତିରେଖା ପାତ୍ର ଏବଂ ସମ୍ବଲପୁର ଡେପୁଟି କଲେକ୍ଟର ଜୟଶ୍ରୀ ପାଢ଼ୀଙ୍କୁ ଓଏଏସ୍ ଗ୍ରେଡ –ଏ (ସିନିୟର ବ୍ରାଞ୍ଚ)ରୁ ଓଏଏସ୍ (ସୁପର ଟାଇମ୍ସ ସ୍କେଲ)କୁ ପଦୋନ୍ନତି ଦିଆଯାଇଛି।

## ହାଲ ପରିସର ଭାଲୁ ପାହାଡ଼ରେ ନିଆଁ

**ସୁନାବେଡା, ୫।୪(ସ୍ୱ.ପ୍ର.)**

ହାଲ ପରିସର ଭାଲୁ ପାହାଡରେ ନିଆଁ ଲାଗିଛି। ଫଳରେ ବନ୍ୟଜନ୍ତୁମାନେ ଗାଁ ମୁହାଁ ହେବାର ଆଶଙ୍କା ପ୍ରକାଶ ପାଇଛି। ନିଆଁ ପ୍ରଭାବରେ ଅନେକ ମୂଲ୍ୟବାନ ଗଛ ନଷ୍ଟ ହୋଇଥିବା ଜଣାପଡିଛି। ତେବେ ଜଙ୍ଗଲ ନିଆଁ ରୋକିବାକୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ଏଥିରୁ ବିଶେଷ ସୁଫଳ ମିଳୁନାହିଁ। ଜଙ୍ଗଲ ନିଆଁକୁ ରୋକିବାରେ ରାଜ୍ୟ ସରକାର ଅବା ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ପରବର୍ତ୍ତୀ ସମୟରେ ଏହା ଭୟଙ୍କର ରୂପ ନେଇ ଅନେକ ଧନଜୀବନହାନି କରୁଛି। ହାଲ ପରିସର ଭାଲୁ ପାହାଡ଼ ଜଙ୍ଗଲରେ ନିଆଁ ଲାଗିବା ଦୀର୍ଘ ସମୟ ବିତିଯାଇଥିଲେ ମଧ କୌଣସି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ସେଠାରେ ପହଞ୍ଚିନାହାନ୍ତି। ଫଳରେ ଏହି ଜଙ୍ଗଲ ନିଆଁ ବଢିବାରେ ଲାଗିଛି। ପାହାଡ଼ର ଗୋଟିଏ ପାର୍ଶ୍ୱରେ ହାଲ ପ୍ରଶାସନର ଅଫିସର୍ସ କ୍ୱାଟରର୍ସ ଏବଂ ଅଫିସର୍ସ କ୍ଲବ ରହିଛି। ଅନ୍ୟ ପାର୍ଶ୍ୱରେ ପାହାଡ଼କୁ ଲାଗି ୨୬ ନମ୍ବର ଜାତୀୟ ରାଜପଥ ରହିଛି। ବିଭାଗୀୟ ଅଧିକାରୀଙ୍କଠାରୁ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ରାସ୍ତାରେ ଯାତାୟାତ କରୁଥିଲେ ମଧ ଲାଗିଥିବା ନିଆଁ କିଭଳି ଦେଖିପାରୁନାହାନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅବକାରୀ ଚଢାଉ, ଜଣେ ଗିରଫ

**ଜୟପୁର ୫।୪ (ନି.ପ୍ର.)**

ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ସୋମନାଥ ବିଷୋୟୀ । ଏକ ମଟର ଟ୍ୟୁବ୍‌ରେ ସେ ମଦ ନେଉଥିବା ବେଳେ ମୁଣ୍ଡିଗୁଡାଠାରେ ଧରାପଡିଥିଲେ। ତାଙ୍କଠାରୁ ୨୪ ଲିଟର ଦେଶୀ ମଦ ଜବତ ହୋଇଛି।

## ଏୟାରଷ୍ଟ୍ରିପ ସୁରକ୍ଷା ଯାଞ୍ଚ ପାଇଁ ପହଞ୍ଚିଲେ ସ୍ୱତନ୍ତ୍ର ଟିମ୍

### ଜୁନ ସୁଦ୍ଧା ବିମାନ ଉଡାଣ

**ଜୟପୁର, ୫।୪ (ନି.ପ୍ର.)**

ଜୟପୁର ଏୟାର ଷ୍ଟ୍ରିପ ସୁରକ୍ଷା ଯାଞ୍ଚ ଲାଗି ବିମାନ ଯୋଗେ ପହଞ୍ଚିଛନ୍ତି ୬ଜଣିଆ ସ୍ୱତନ୍ତ୍ର ଟିମ୍। ଟିମ୍ ଏୟାରଷ୍ଟ୍ରିପର ସୁରକ୍ଷା ଉପରେ ଯାଞ୍ଚ ସହ ଜିଲା ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଏଠାରୁ ୯ ସିଟ ବିଶିଷ୍ଟ ବିମାନ ଜୁନ୍ ସୁଦ୍ଧା ଉଡାଣ କରିବ ବୋଲି ଭିଡିଭୂମି ସମୀକ୍ଷା ବେଳେ ସୂଚନା ଦେଇଥିଲେ। ଟିମ୍‌ରେ ବିସିଏସର ରିଜିଓନାଲ ନିର୍ଦ୍ଦେଶକ କେ. କେ ଝା, ଆଇବି (ଏମଏଚଏ)ର ଜଏଣ୍ଟ ଡେପୁଟି ଡାଇରେକ୍ଟର ଜେଆର ଆଚାର୍ଯ୍ୟ, ନୋଡାଲ ଅଫିସର ଟଙ୍କଧର ପ୍ରଧାନ, ଭୁବନେଶ୍ୱର ଏୟାର ପୋର୍ଟର ସିଏସଓ ବିଏନ ମହାପାତ୍ର, ସିକ୍ୟୁରିଟି ଅଫିସର ସରୋଜ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏୟାର ଷ୍ଟ୍ରିପରେ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଡପାଲ୍ଲି, ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ, ରାସ୍ତା ଓ ଗୃହ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଏସଡିଓ ବିଜୟ ବେହେରା, ଏସଡିପିଓ ଅରୁପ ଅଭିଷେକ ବେହେରା, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଟିମ୍ ଏୟାରଷ୍ଟ୍ରିପର ସୁରକ୍ଷା, ସିସିଟିଭି, ଏଚଏଚଏମଡି, ଡିଏଫଏମଡି, ଏକ୍ସ–ରେ, କାର ପାର୍କିଂ ଯାତ୍ରୀ ପ୍ରବେଶ ଓ ପ୍ରସ୍ଥାନ ପଥ ଆଦି ଯାଞ୍ଚ କରିଥିଲେ ବୋଲି ଉପ ଜିଲାପାଳ ବେଦ ବର ପ୍ରଧାନ ସୂଚନା ଦେଇଛନ୍ତି ।

## ଦାୟିତ୍ୱ ଗ୍ରହଣ କଲେ ରାଜେଶ୍ୱରୀ

**କୁନ୍ଦୁରା,୫।୪ (ଡି.ଏନ.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ରେ ନବ ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ତାଙ୍କୁ କୁନ୍ଦୁରା ଛକଠାରୁ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ରାଜେଶ୍ୱରୀଙ୍କ ବଡ଼ଭାଇ ସୁରେନ୍ଦ୍ର ପରଜା କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୂପେ କାର୍ଯ୍ୟ ତୁଲାଇଛନ୍ତି।

## ଅଭିଯୁକ୍ତଙ୍କୁ ଜୟପୁରରୁ ଗିରଫ କଲା ଗୁଜରାଟ ପୋଲିସ

### ଚେକ୍ ବାଉନ୍ସ, ଠକେଇ ମାମଲା

**ଜୟପୁର, ୫।୪ (ନି.ପ୍ର.)**

ଏକ ଚେକ୍ ବାଉନ୍ସ ଓ ଠକେଇ ମାମଲାରେ ଗୁଜରାଟ ପୋଲିସ ମଙ୍ଗଳବାର ଜୟପୁରରୁ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ନୂଆସାହି ୪ର୍ଥ ଲାଇନର ନିଲେଶ ରସିକଲାଲ ଟକର। ଜୟପୁର ପୋଲିସ ସହାୟତାରେ ଗୁଜରାଟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁଜରାଟ ନେଇଛି। ଗୁଜରାଟ ପୋଲିସର ସ୍ୱତନ୍ତ୍ର ଟିମ୍ ଜୟପୁରରେ ପହଞ୍ଚି ନୂଆସାହିରୁ ନିଲେଶଙ୍କୁ ଗିରଫ କରିଥିଲେ। ଚେକ୍ ବାଉନ୍ସ ଓ ଠକେଇ ନେଇ ଗୁଜରାଟର ଆନନ୍ଦ ପୋଲିସ ମାମଲା ରୁଜୁ କରିଥିଲା। ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗରେ ଉଲ୍ଲେଖ ଥିଲା। ଅଭିଯୁକ୍ତ ନିଲେଶ ଗୁଜରାଟର ଆନନ୍ଦରେ ରହୁଥିଲେ। ସେ ଠକେଇ କରି ଜୟପୁର ଚାଲିଆସିଥିଲେ। ନିଲେଶ ଜୟପୁରରେ ଥିବା ଜାଣି ଗୁଜରାଟ ପୋଲିସ ଜୟପୁରରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା ବୋଲି ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି ।

## ଟାଟା ମ୍ୟାଜିକ–ବାଇକ୍ ଧକ୍କା, ୨ ମୃତ

**କାଲିମେଳା, ୫।୪(ଡି.ଏନ.ଏ.)**

ମାଲାକାନଗିରି ଜିଲା କାଲିମେଳା–ପଡିଆ ଜାତୀୟ ରାଜପଥର ଉଣ୍ଡରୁକୋଣ୍ଡା ଛକ ନିକଟରେ ମଙ୍ଗଳବାର ରାତି ୮ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଟାଟା ମ୍ୟାଜିକ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଘଟଣା ସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇଛନ୍ତି । ମୃତକ ୨ ଜଣ ହେଲେ ଉଣ୍ଡରୁକୋଣ୍ଡା ପଞ୍ଚାୟତ ଇଞ୍ଜମେଟଲା ଗ୍ରାମର ଗଙ୍ଗା ମାଡକାମିଙ୍କ ପୁଅ ମୁନା ମାଡକାମି (୨୦) ଓ ଗଙ୍ଗୀ କବାସି (୩୫)। ସେହି ଗ୍ରାମର ମୁକା କବାସି ଗୁରୁତର ହୋଇଛନ୍ତି । ତାଙ୍କୁ ଉଦ୍ଧାର କରାଯାଇ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଛି। ଇଞ୍ଜମେଟଲା ଗ୍ରାମର ୩ ଜଣ ଗୋଟିଏ ବାଇକ୍ ଯୋଗେ ନିଜ ଗ୍ରାମରୁ ପାଣିମେଟଲା ଗ୍ରାମକୁ ଆସି ଘରକୁ ଫେରୁଥିବା ସମୟରେ ପଡିଆ ପଟୁ ଆସୁଥିବା ଏକ ଟାଟା ମ୍ୟାଜିକ ଗାଡି ସହ ମୁହାମୁହିଁ ଧକ୍କା ହୋଇଥିଲା ।

# ଜୀବିକା ଦେଉଛି ହଳଦୀଚାଷ

**ଦଶମନ୍ତପୁର, ୫।୪ ( ଡ଼ି.ଏନ.ଏ. )**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ବିରିଗୁଡା ଗ୍ରାମବାସୀଙ୍କୁ ଜୀବିକା ଯୋଗାଇଛି ହଳଦୀ ଚାଷ। ୧୫୦ ପରିବାର ବସବାସ କରୁଥିବା ବିରିଗୁଡା ଗ୍ରାମରେ ହଳଦୀ ଚାଷ ଏବେ ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ପାଲଟିଛି। ଗ୍ରାମର ମହେଶ୍ୱର ହକକାଙ୍କ କହିବା ଅନୁଯାୟୀ ଧାନ, ମାଣ୍ଡିଆ, ସୁଆଁ, ବିରି, କୋଳଥ ଭଳି ହଳଦୀଚାଷକୁ ଆମେ ଆପଣେଇଛୁ। ପ୍ରତିବର୍ଷ ଗ୍ରାମର ୧୫୦ ପରିବାର ମଧ୍ୟରୁ ୧୦୦ ପରିବାର ହଳଦୀ ଚାଷ କରିଥାନ୍ତି ବୋଲି କହନ୍ତି ଗ୍ରାମର ମହେଶ୍ୱର ହିକକା, କସାଇ ମାଣ୍ଡିଙ୍ଗା, ଡିଓ ହିକକା, ଜାଗା ମାଣ୍ଡିଙ୍ଗା ଓ ରାଇଟ ମାଣ୍ଡିଙ୍ଗା।

ସେମାନେଙ୍କ କହିବାନୁଯାୟୀ ଆମେ ପୂର୍ବରୁ ଅଳ୍ପ ପରିମାଣରେ ହଳଦୀ ଚାଷ କରୁଥିଲୁ। ହଳଦୀ ଚାଷରେ ଭଲ ଲାଭ ହେବା ଦେଖି ଗ୍ରାମର ପ୍ରତ୍ୟେକ ପରିବାର ହଳଦୀ ଚାଷ କରିବାକୁ ମନସ୍ଥ କଲୁ। ପୂର୍ବରୁ ହଳଦୀଚାଷରେ ଭଲ ଲାଭ ହେଉଥିବା ବେଳେ କ୍ରମଶଃ ଅଧିକ ସଂଖ୍ୟାରେ ଚାଷୀ ହଳଦୀଚାଷ କରିବାରୁ ଏହି ଲାଭ ପରିମାଣ ହ୍ରାସ ପାଇଥିଲା। ଏଥିରୁ ବର୍ଷକୁ ୪୦ରୁ ୫୦ ହଜାର ଟଙ୍କା ଆୟ ହେଉଥିଲା। ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଏହି ଲାଭ ଏବେ ୧୫/୨୦ ହଜାର ଟଙ୍କାରେ ସୀମିତ ରହୁଛି। ତେବେ ପରିଶ୍ରମ ତୁଳନାରେ ଆମକୁ ଲାଭ ମିଳୁନି। ପ୍ରଶାସନ କିମ୍ବା କୌଣସି ସ୍ୱେଚ୍ଛାସେବୀ ସଂସ୍ଥା ଯଦି ଏ ଦିଗରେ ସହଯୋଗ କରନ୍ତେ ତେବେ ଅଧିକ ପରିମାଣରେ ହଳଦୀ ଚାଷ ହେବା ସହ ଚାଷୀମାନଙ୍କ ରୋଜଗାର ବୃଦ୍ଧି ପାଆନ୍ତା। ହଳଦୀ ଚାଷ ସମ୍ପର୍କରେ ପରାମର୍ଶ ଦେବାକୁ ଆମ ନିକଟରେ ବିଭାଗୀୟ ଅଧିକାରୀ ପହଞ୍ଚୁ ନ ଥିବା କହିଛନ୍ତି କେତେକ ହଳଦୀଚାଷୀ। ଏ ଦିଗରେ ଜିଲା ପ୍ରଶାସନ ସହଯୋଗର ହାତ ବଢାଇବାକୁ ସାଧାରଣରେ ଦାବି ହେଉଛି।



ହୋଇଥିବା ହଳଦୀ ଚାଷ।

